ବଣମଲ୍ଲୀର ମହକ
CC BY-NC-SA 4.0
VOL.09 - ISSUE.11 - NOVEMBER 2025

# ଠକ୍

**ସିଦ୍ଧି ସ୍ୱରୂପା ପାଢ଼ୀ**



ଇଦିସେଦି କହିକରି ଲୁକ୍‌କୁ
ଠକି ଦେଉଛେ ଠକ୍
ତାର୍‌କଥା କେ ସତ୍ କରି କରି
ଆକାଶେ ଉଡୁଛନ୍ ଲୋକ୍ ।

ହାତ୍ କେ ଦେଖ୍ କରି କହି ଦେଉଛେ
କେତେ ରକ୍‌ମର୍ କଥା
ସେନ ଲୋକ୍ ପେଲ୍‌ହା ଠେଲା
ହେଇ ହେଉଛନ୍ ଅଥା ବିଥା ।

ହେନ୍ତେଇ ଯଦି ଜାନି ପକଉଛେ
ଲୁକ୍‌କର୍ ଭବିଷ୍ୟତ୍
ଦୁଃଖ, ବେମାର୍, ସେମାର୍ ନୁ
ପାର୍‌ପାଇଯାଏତା ଇ ଜଗତ୍ ।

ଲୁକ୍‌କୁ ଠକି, ଡରରେଇ କରି
ହଏରାନ୍ କର୍‌ବାର୍ ବୁଦ୍ଧି
ଲେକ୍‌ମାନେ ଭି ସତ୍‌କରି କରି
ହଜେଇ ଦେଉଛନ୍ ବୁଦ୍ଧି ଶୁଦ୍ଧି ।

ଜନ୍‌କୁ କହେଲା ତୋର୍ ପୁଓ ଟା
ସାତ୍ ବଛରେ ଯିବା ମରି
ସେ କାନ୍ଦି କାନ୍ଦି ମତେ
ସବୁ ଗୁହାର୍‌ଲା ବୁପ୍‌ରି ।

ମୁଇଁ କହେଲି ଜନମ୍ ମରନ୍ ଇ
ସଂସାରେ କେହି କହି ନାଇଁ ପାରନ୍
ଜନେ ତ ଅଛେ ଜୀବନ୍ ର ମୁଖିଆ
ଦେଇଛେ ଆମ୍‌କୁ ଜୀବନ୍ ।

ମନେ ରଖ୍ କରି ଭରସା
ଯା ଭଜବୁ ତୁଇ ଜଗନ୍ନାଥ୍
ଟିକା ଗୋବିନ୍ଦ ବାଗିର୍ ଆଏଶ୍ ହେବା
ଆଶିର୍ବାଦ୍ ଦେବେ ଜଗନ୍ନାଥ୍ ।

ଛୁଚା କଥା କେ ବିଶ୍ୱାସ୍ କରି କରି
ନାଇଁ ହ କେହି ହଏରାନ୍
ମହାପୁରୁ ଅଛନ୍ କର୍‌ବେ ସମ୍‌କୁ
ସବୁବେଳେ ପରିତ୍ରାଣ୍ ।

ଦେଖ୍ ଦେଖ୍ ବଏଲା ବେଳେ
ସେ ପିଲା ବଡେ ଇନ୍‌ଜିନିୟର୍
ହସି ଖୁସି ଥି ବନାଲାନ
ବଡେ ଟେ ଘର୍ ।

**ମୁଦିପଡା, ସମ୍ବଲପୁର**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*